# ବିଜେପି କୃଷକ ମୋର୍ଚ୍ଚାର ଆର୍‌ଆଇ ଅଫିସ୍ ଘେରାଉ



ବାଲିପାଟଣା,୬।୧୨/ଏନ୍‌ଏନ୍‌ଏସ୍‌: ଲଘୁଚାପ ବର୍ଷାରେ ହୋଇଥିବା ଫସଲ କ୍ଷତିରେ ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ କରିବା ସହ କୃଷକମାନଙ୍କୁ ସହାୟତା ପ୍ରଦାନ ଦାବିରେ ଆଜି ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି କୃଷକ ମୋର୍ଚ୍ଚା ତରଫରୁ ଘେରାଉ କରାଯାଇଥିଲା। ଯଦି କ୍ଷତିପୂରଣ ଓ ସହାୟତା ଠିକ ସମୟରେ ପ୍ରଦାନ କରାନଯାଏ ତେବେ ଆଗାମୀ ଦିନରେ ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ। ସୂଚନାଯୋଗ୍ୟ ଯେ ବାଲିପାଟଣା ବ୍ଲକ୍‌ରେ ଚଳିତ ଖରିଫ୍ ଋତୁରେ ୯,୯୦୦ ହେକ୍ଟର ଜମିରେ ଧାନଚାଷ କରାଯାଇଥିଲା। ଚକଡ଼ା ପୋକ ଓ ଲଘୁଚାପ ଜନିତ ବର୍ଷାରେ ବ୍ୟାପକ ଫସଲହାନୀ ଘଟିଛି। ଏଣୁ ଏହି ପରିପ୍ରେକ୍ଷୀରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କର ତାଲିକା ପ୍ରସ୍ତୁତ କରି କ୍ଷତିପୂରଣ ପ୍ରଦାନ ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦାବି କରାଯିବା ସହ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଆର୍‌ଆଇଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅନନ୍ତ ଚରଣ ପ୍ରଧାନଙ୍କ ନେତୃତ୍ୱରେ ଏହି ଘେରାଉ କାର୍ଯ୍ୟକ୍ରମରେ ବସନ୍ତ ନାୟକ, କୃଷ୍ଣ କାଳିଆ, ଜାମିନୀ ରଞ୍ଜନ ଦାଶ, କ୍ଷେତ୍ରମୋହନ ବେହେରା, ମାଗୁଣି ସେଠୀ, ଶିବ ମଲ୍ଲିକ, ସୁଦର୍ଶନ ଜେନା, ରାଧାକୃଷ୍ଣ ମହାନ୍ତି, ରିନି ସେନାପତି, ରବୀନ୍ଦ୍ର ଦାସ ପ୍ରମୁଖ ବିଶ୍ୱନାଥପୁର ଓ ବାଲିପାଟଣା ଆର୍‌ଆଇ ଅଫିସ ଘେରାଉ କରିଥିଲେ।

ନିତିଦିନ NITIDIN
Thu, Dec 7, 2017
http://odishanewsnitidin.com